## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଜିଲା ସମବାୟ ସଂଘ ବୋର୍ଡ ବୈଠକ, ସ୍ଥାନ-ହିଲପାଟଣା। ସମୟ-ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଦୋକାନରୁ ୬୦ ହଜାର ଟଙ୍କା, ସାମଗ୍ରୀ ଚୋରି

ବ୍ରହ୍ମପୁର,୨୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଗଜପତିନଗର ୮ମ ଗଳିର ଏକ ଦୋକାନରୁ ଗତ ୨୧ତାରିଖ ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ତାଲା ଭାଙ୍ଗି ୬୦ ହଜାର ଟଙ୍କା ଏବଂ ପ୍ରାୟ ୫୦ହଜାର ଟଙ୍କାର ସାମଗ୍ରୀ ଚୋରାଇ ନେଇଥିବା ଦୋକାନ ମାଲିକ ହୃଷୀକେଶ ପଣ୍ଡା ମଙ୍ଗଳବାର ଏତଲା ଦେଇଛନ୍ତି। ଅଭିଯୋଗକାରୀ ପଣ୍ଡାଙ୍କ ଘର ଗଜପତିନଗର ୨ୟ ଗଳିରେ ହୋଇଥିବା ବେଳେ ସେ ୫ବର୍ଷ ହେବ ୮ମ ଗଳିରେ ମହାଲକ୍ଷ୍ମୀ ମାର୍କେଟିଂ ନାମକ ଏକ ଦୋକାନ କରିଛନ୍ତି। ସବୁଦିନ ଭଳି ସେ ଗତ ସୋମବାର ସକାଳେ ଦୋକାନ ଖୋଲିବାକୁ ଆସିବା ବେଳେ ଚୋରି ହୋଇଥିବା ଦେଖିଥିଲେ। ଦୋକାନରୁ ୬୦ହଜାର ଟଙ୍କା ଓ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ହଳଦିରାମ କମ୍ପାନୀର ସାମଗ୍ରୀ ଓ କପର ପାଇପ ଚୋରି ହୋଇଥିବା ଜାଣିବା ପରେ ଥାନାକୁ ଜଣାଇଥିଲେ। ପୋଲିସ ନଂ.୪୪/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଆଖୁଚାଷୀଙ୍କୁ ମିଳିବ ପରିବହନ ସହାୟତା

ଆସିକା,୨୩।୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ସମବାୟ ଚିନିଶିଳ୍ପ ପକ୍ଷରୁ ଆଖୁର ଟନ ପ୍ରତି ଦର ୩ହଜାର ୮୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ଚିନିଶିଳ୍ପ ପରିସରରୁ ୧୦ କି.ମି. ପର୍ଯ୍ୟନ୍ତ ଆଖୁ ପରିବହନ ଖର୍ଚ୍ଚର ସହାୟତା ରାଶି ବୃଦ୍ଧି କରାଯାଇଛି । ପୂର୍ବରୁ ୧୦ କି.ମି. ପର୍ଯ୍ୟନ୍ତ ଅଞ୍ଚଳର ପରିବହନ ଭଡା ବାବଦକୁ କାରଖାନା ପକ୍ଷରୁ ଟନ ପ୍ରତି ୬୦ ଟଙ୍କା ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ବର୍ତ୍ତମାନ ଏହାକୁ ବୃଦ୍ଧି କରି ଟନ ପ୍ରତି ୯୦ ଟଙ୍କା ଚିନିଶିଳ୍ପ ବହନ କରିବ ବୋଲି କାରଖାନା ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ଏକ ବିଜ୍ଞପ୍ତିରୁ ଜଣାପଡିଛି। ତେବେ ପୂର୍ବଭଳି ୧୦ କି.ମିରୁ ଊର୍ଦ୍ଧ୍ୱ ଦୂରତାର ଆଖୁ ପରିବହନ ଭଡା ବାବଦ ରାଶି ଚିନିଶିଳ୍ପ ବହନ କରିବ ବୋଲି ସ୍ପଷ୍ଟ କରାଯାଇଛି । ଚିନିଶିଳ୍ପର ଏହି ସହାୟତା ଲାଗି ଆଖୁଚାଷୀ ସଂଘ ସଭାପତି ସମୀର ପ୍ରଧାନ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଗାୟତ୍ରୀଦତ୍ତ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ବାଲାଜୀ କଲେଜରେ ଭଜନ, ଲୋକନୃତ୍ୟ ପ୍ରତିଯୋଗିତା

ଚିକିଟି,୨୩।୧(ପ୍ରକାଶ ଚନ୍ଦ୍ର ସାହୁ)

ନୂଆ-ଓ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ବାଲାଜୀ କଲେଜରେ ଭଜନ ଓ ଲୋକ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଦର୍ଶନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୂଆପଡାର ଯୁବ ସରପଞ୍ଚ ବି. ସନମୁଖ ଯୋଗଦେଇଥିଲେ। ନୋଡାଲ ଅଧିକାରୀ ତ୍ରିପତି ଗମାଙ୍ଗ ଓ ଡାନିଏଲ ମାରାଣ୍ଡି ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଅପମୃତ୍ୟୁ ମାମଲା ବଢ଼ିଚାଲିଛି

**ଏମକେସିଜି ମେଡିକାଲ ଫାଣ୍ଡି**

ବ୍ରହ୍ମପୁର,୨୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସପିଟାଲକୁ ଦକ୍ଷିଣ ଓଡ଼ିଶା ଓ ଅନ୍ୟ ସ୍ଥାନରୁ ରୋଗୀ ରେଫର୍ ହୋଇ ଆସିଥାନ୍ତି। ସେହିପରି ଆନ୍ଧ୍ର ସୀମା ଅଞ୍ଚଳର ଲୋକ ବି ଏହି ମେଡିକାଲ ଉପରେ ନିର୍ଭରଶୀଳ। ବିଭିନ୍ନ ଆକସ୍ମିକ ଦୁର୍ଘଟଣାର ଶିକାର ହୋଇ ରୋଗୀ ଏଠାକୁ ଆସୁଥିବା ବେଳେ ମୃତ୍ୟୁ ହେଲେ ଅପମୃତ୍ୟୁ ମାମଲା ରୁଜୁ ହେଉଛି। ଏପରି ମାମଲା ଦିନକୁ ଦିନ ବଢ଼ି ଚାଲିଛି। କେବଳ ୨୦୨୩ରେ ମୋଟ ୭୯୯ ଅପମୃତ୍ୟୁ ମାମଲା ହୋଇଥିବା ମେଡିକାଲ ଫାଣ୍ଡି ପକ୍ଷରୁ ସୂଚନା ମିଳିଛି। ଗତ ୪ବର୍ଷ ମଧ୍ୟରେ ଫାଣ୍ଡିରେ ୨୭୬୪ଟି ଅପମୃତ୍ୟୁ ମାମଲା ରୁଜୁ ହେଲାଣି।

ଏମ୍‌କେସିଜିରେ ବିଶେଷ କରି ବିଭିନ୍ନ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ୨୪ଘଣ୍ଟିଆ ଜରୁରୀକାଳୀନ କାଜୁଆଲ୍ଟି ବ୍ୟବସ୍ଥା ରହିଛି। ଦିନକୁ ଦିନ ଦୁର୍ଘଟଣା ଓ ଆତ୍ମହତ୍ୟା ଉଦ୍ୟମ ଘଟଣା ବଢ଼ିବାରେ ଲାଗିଛି। ସେହିପରି ସାପ କାମୁଡ଼ା ଓ ନିଆଁରେ ପୋଡି ହୋଇ ଗୁରୁତର ଅବସ୍ଥାରେ ଲୋକେ ଆସୁଛନ୍ତି। ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ହେଲେ ଅପମୃତ୍ୟୁ ମାମଲା ରୁଜୁ ହୋଇ ବ୍ୟବଚ୍ଛେଦ କରାଯାଉଛି। ଡାକ୍ତରଖାନାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ସରକାର ବହୁ ଯୋଜନା କରିଛନ୍ତି। ଏଠାରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ଥିଲେ ବି ଟ୍ରମା କେୟାର୍ ସେଣ୍ଟରରୁ ଉନ୍ନତମାନର ସେବା ମିଳୁନି। ଟ୍ରମା କେୟାର୍ ସେଣ୍ଟରକୁ ଅପଗ୍ରେଡେସନ କରିବା ସହିତ ଖାଲି ପଦବି ପୂରଣ କରିବା ପ୍ରସ୍ତାବ ରହିଛି। ନିଆଁରେ ପୋଡ଼ି ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବର୍ନ କେୟାର୍ ୟୁନିଟ ସୁବିଧା ମଧ୍ୟ ନାହିଁ। ବର୍ନ କେୟାର୍ ୟୁନିଟ ନ ଥିବାରୁ ନିଆଁରେ ପୋଡ଼ି ଯାଇଥିବା ରୋଗୀ ସାଧାରଣ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ପ୍ରାୟତଃ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ବଡ ଡାକ୍ତରଖାନାରେ ଏସବୁ ସୁବିଧା ଉପଲବ୍ଧ ହେଲେ ଅପମୃତ୍ୟୁ ସଂଖ୍ୟା କିଛିମାତ୍ରାରେ ହ୍ରାସ ପାଇବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

**୪ ବର୍ଷର ଅପମୃତ୍ୟୁ ମାମଲା**

| ବର୍ଷ | ସଂଖ୍ୟା |
|---|---|
| ୨୦୨୦ | ୬୮୨ |
| ୨୦୨୧ | ୬୩୧ |
| ୨୦୨୨ | ୭୧୨ |
| ୨୦୨୩ | ୭୯୯ |

## ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା
# ଗଞ୍ଜାମ ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ, କାଂସ୍ୟ ପଦକ



ପଦକ ବିଜୟୀ ୨ ପ୍ରତିଯୋଗୀ।

ବ୍ରହ୍ମପୁର,୨୩।୧(ଚନ୍ଦନ ନାହାକ)

ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଗତ ୨୧ ତାରିଖରେ ରାଜ୍ୟସ୍ତରୀୟ ସିନିୟର ଓ ଜୁନିୟର କରାଟେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଗଞ୍ଜାମର ୨ ପ୍ରତିଯୋଗୀ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇ ରାଜ୍ୟସ୍ତରରେ ଗଞ୍ଜାମ ଜିଲାକୁ ଗୌରବାନ୍ୱିତ କରିଛନ୍ତି। ସେମାନେ ହେଲେ ଆଶୁତୋଷ ପଟ୍ଟନାୟକ ଓ ମୁରଲୀ ସାହୁ। ୨୧ ବର୍ଷରୁ ଊର୍ଦ୍ଧ୍ୱ ୬୦ କେଜି ବର୍ଗରେ ଆଶୁତୋଷ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ୨୧ ବର୍ଷରୁ କମ ୬୫ କେଜି ବର୍ଗରେ ମୁରଲୀ କାଂସ୍ୟ ପଦକ ହାସଲ କରିଛନ୍ତି। ଉଭୟଙ୍କୁ ଜିଲା କରାଟେ ସଂଘ ସଭାପତି ନାରାୟଣ ସାହୁ, ଉପସଭାପତି ସଚ୍ଚିଦାନନ୍ଦ ଦାସଙ୍କ ସମେତ ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।

# ଗ୍ରାମାଞ୍ଚଳ ବିକାଶ ନେଇ ସଚେତନତା

ଗୋପାଳପୁର,୨୩।୧(ନବୀନ ରାଜ ଆଚାରୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଗୋପାଳପୁର ନିର୍ବାଚନ ମଣ୍ଡଳୀର ଲୁହାଝର ଓ କୋଳଥିଗାଁ ପଞ୍ଚାୟତରେ ଆମ ଓଡିଶା ଓ ନବୀନ ଓଡିଶା ଯୋଜନାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିନୋଦ କୁମାର ମାହାଙ୍କୁଡ଼ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ସିଏଚ ଉଷାରାଣୀ, ଜିଲା ପରିଷଦ ସଭ୍ୟା ତଅପୋଇ ଦାସ, ଦୀପକ କୁମାର ସାମନ୍ତ, ଅତିରିକ୍ତ ବିଡ଼ିଓ ତ୍ରିପତି ବାଲାଜୀ ସାମନ୍ତରାୟ, ସିଡ଼ିପିଓ ଜ୍ୟୋତ୍ସ୍ନା ପାଢ଼ୀ, ଏମ୍‌ପିଙ୍କ ପ୍ରତିନିଧି ଅଜିତ କୁମାର ଦାଶ, ବ୍ଲକ ଉପାଧ୍ୟକ୍ଷା ଅନିତା ମାହାଙ୍କୁଡ,ରଣ୍ଡା ସରପଞ୍ଚ ଅଜିତ କୁମାର ରାଉଳ ଯୋଗଦେଇଥିଲେ। ସଭାକୁ ଗୀତାଞ୍ଜଳି ପାଣିଗ୍ରାହୀ ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକାରୀମାନେ ଲୋକଙ୍କୁ ସଚେତନ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି କୋଳଥିଗାଁରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋପାଳପୁର ଏନଏସି ଚେୟାରମ୍ୟାନ ଜାନକୀରାମ, ସମାଜିକ କର୍ମୀ ରାମ ହରି ପାତ୍ର, ଭାରପ୍ରାପ୍ତ ଜିପିଓ ରୂପକ ରଞ୍ଜନ ସାମନ୍ତରାୟ, ସରପଞ୍ଚ ଅସନ୍ତୁଲୁ ରେଡି, ଦଣ୍ଡପାଣି ବେହେରା, ଏନ ଧର୍ମ ରେଡି, ସମିତି ସଭ୍ୟ ଜୟସେନ ସାହୁ, ବିଭୂତି ଭୂଷଣ ଲେଙ୍କା, ଜେଇ ସମେଶ ବେହେରା, ଯଯାତି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୫ରୁ ବିଜେଡିର ପରିବାର ସମ୍ପର୍କ ଯାତ୍ରା

ବ୍ରହ୍ମପୁର,୨୩।୧(ନରସିଂହ ସାହୁ)

ବିଜେଡି ପକ୍ଷରୁ ବ୍ରହ୍ମପୁରରେ ମଙ୍ଗଳବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଟାଉନ ହଲ ଛକରେ ସ୍ଥାପିତ ତାଙ୍କ ପ୍ରତିମୂର୍ତ୍ତିରେ ନେତା ଓ କର୍ମୀ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ଼ି, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ସମେତ ଦଳର କର୍ପୋରେଟରମାନେ ଯୋଗ ଦେଇଥିଲେ। ମହାନଗର ବିଜେଡି ସଭାପତି ବିଜୟ ସାମଲ, ମହିଳା ସଂଗଠନ ସଭାନେତ୍ରୀ ସୋନାଲି ଗନ୍ତାୟତ, ଜିଲା ବିଜେଡି ଉପସଭାପତି ଭଗବାନ ଗନ୍ତାୟତ, ସଂଜିତ ପାଣିଗ୍ରାହି, ଭୀମସେନ ଦଳେଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଆସନ୍ତା ୨୫ ତାରିଖରୁ ମାର୍ଚ୍ଚ ୫ ତାରିଖ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପର୍ଯ୍ୟନ୍ତ ବିଜେଡିର ପରିବାର ସମ୍ପର୍କ ଯାତ୍ରା ହେବ ବୋଲି ଜିଲା ସଭାପତି ସୂଚାଇଛନ୍ତି। ଏହି ଯାତ୍ରା ବ୍ରହ୍ମପୁର ସମେତ ସବୁ ନିର୍ବାଚନ ମଣ୍ଡଳୀରେ କରାଯିବ। ବିଧାୟକ, ନେତା ଓ କର୍ମୀମାନେ ପ୍ରତି ଘରକୁ ଘର ଯାଇ ନବୀନ ପଟ୍ଟନାୟକ ସରକାରଙ୍କ ବହୁମୁଖୀ ଜନକଲ୍ୟାଣ ଯୋଜନାଗୁଡ଼ିକ ସମ୍ପର୍କରେ ସଚେତନ କରାଇବେ। ଏଥିସହ ଦଳର ପ୍ରାର୍ଥୀ ଚୟନ ନେଇ ଅନୁଧାନ କରାଯିବାରେ ପରିବାର ସମ୍ପର୍କ ଅଭିଯାନ ସହାୟକ ହୋଇପାରିବାର ଚ୍ୟାଉ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି।

# ବିଭିନ୍ନ ସ୍ଥାନରେ ନେତାଜୀ ଜୟନ୍ତୀ

ବ୍ରହ୍ମପୁର,୨୩।୧(ଅଶୋକ କୁମାର ସାହୁ/ ସ୍ମୃତିରଞ୍ଜନ ମହାଲିକ୍)



ଗଞ୍ଜାମ ଜିଲା ବିକାଶ ମଞ୍ଚ ତରଫରୁ ମଙ୍ଗଳବାର ସୁବାଷ ବୋଷଙ୍କ ପ୍ରତି ଶ୍ରଦ୍ଧା ଦେଖିବାକୁ ମିଳିଛି। ମଞ୍ଚ ସଭାପତି ରାଜେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ୧୨୭ତମ ନେତାଜୀ ଜୟନ୍ତୀରେ ମଞ୍ଚର ସଦସ୍ୟମାନେ ବ୍ରହ୍ମପୁର ଖଲିକୋଟ କଲେଜ ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମଞ୍ଚର ଶିବ ପ୍ରସାଦ ମିଶ୍ର, ଅଶୋକ କୁମାର ଦଳେଇ, ବସନ୍ତ କୁମାର ଦାଶ, ଶିକ୍ଷାବିତ ଶଙ୍କର୍ଷଣ ପାତ୍ର, ବିଶ୍ୱଦେବ ଓ ଲକ୍ଷ୍ମୀ ଚରଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ନେତାଜୀଙ୍କ ସଂଗ୍ରାମୀ ଜୀବନ ସମ୍ପର୍କରେ କହିଥିଲେ। ମଞ୍ଚର ମୁଖ୍ୟ ସଂଯୋଜକ ଡଃ ଶିବ ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

ସେହିପରି ପୂଜ୍ୟପୂଜା ସମିତି ପକ୍ଷରୁ ନେତାଜୀ ଜୟନ୍ତୀ ପାଳନ କରାଯାଇଛି। ସମିତି ସଭାପତି ବଂଶୀଧର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ରୋଡ ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ସଭାରେ ନେତାଜୀଙ୍କ ଜୀବନୀ ଆଲୋଚନା ହୋଇଥିଲା। ମାନବ ଅଧିକାର ସୁରକ୍ଷା ମଞ୍ଚର ସଂପାଦକ ସୁବାଷ ଚନ୍ଦ୍ର ମିଶ୍ର, ସମାଜିକ କର୍ମୀ ସୁଧୀର ରାଉତ, ବିଜୟ ଚନ୍ଦ୍ର ବିଶୋୟୀ, ଇ. ଟି ରାଓ, ରବି ରଥ, ସୁଶାନ୍ତ ସାବତ, କବିରାଜ ସାହୁ, ଅଶୋକ କୁମାର ଦଳାଇ ଓ ଶ୍ୟାମ ସୁନ୍ଦର ଖାଡଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ।

## 'ନୂଆ-ଓ' କ୍ରୀଡ଼ା ପ୍ରତିଯୋଗିତା
# ରାଜ୍ୟସ୍ତରରେ ଖେଳିବେ ଧରାକୋଟ ଛାତ୍ରୀଛାତ୍ର

ଧରାକୋଟ,୨୩।୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ନେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ 'ନୂଆ- ଓ' କାର୍ଯ୍ୟକ୍ରମ ମଧ୍ୟମରେ ବ୍ଲକସ୍ତରରୁ ଜିଲା ଓ ରାଜ୍ୟସ୍ତର ପର୍ଯ୍ୟନ୍ତ ପ୍ରତିଯୋଗିତା ଆୟୋଜନ ହେଉଛି। ଧରାକୋଟ ବ୍ଲକର ଛାତ୍ରୀଛାତ୍ରମାନେ ଜିଲାସ୍ତରରେ ବିଭିନ୍ନ କ୍ରୀଡ଼ାରେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ବିଡିଓ ଡେନିସ ବେହେରା, ଏବିଡିଓ ସୁଶିଲ ପଟ୍ଟନାୟକ, କ୍ରୀଡ଼ା ଶିକ୍ଷକ ତଥା କୋଚ ଅନିଲ ନାୟକ, ହରିଶଙ୍କର ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କ୍ରିକେଟ, ଫୁଟବଲ, ଭଲିବଲ, କବାଡି ଓ ଖୋ ଖୋ ଖେଳରେ ଭାଗ ନେଇଥିଲେ। ସେଥିମଧ୍ୟରୁ ଧରାକୋଟ ଏସଆର ବାଳିକା ଗ୍ରୁପ ଅଧିନାୟକ ଏମ୍. ଭଗ୍ୟଲତାଙ୍କ ନେତୃତ୍ୱରେ ଫୁଟବଲ ଖେଳି ଚାମ୍ପିୟନ ହୋଇ ରାଜ୍ୟ ସ୍ତରରେ ଖେଳିବାକୁ ମନୋନୀତ ହୋଇଛନ୍ତି। ସେହିପରି ଡ଼ଉଗାଁ ବଜରଙ୍ଗ କ୍ରିକେଟ କ୍ଲବ ଅଧିନାୟକ ବିକ୍ରମ ମୁନିଙ୍କ ନେତୃତ୍ୱରେ ଟିମ୍ ଜିଲାସ୍ତରରେ ଚାମ୍ପିୟନ ହୋଇ ରାଜ୍ୟସ୍ତରକୁ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ସେହିପରି ସିଙ୍ଗିପୁର ଉଚ୍ଚ ବିଦ୍ୟାଳୟର ବାଳିକାମାନେ କୋଚ ବିଶ୍ୱ ଜୀବନ ସାହୁଙ୍କ ମାର୍ଗ ଦର୍ଶନ ଯୋଗୁଁ କ୍ରିକେଟ ଖେଳ ପାଇଁ ଏବଂ ମୁଣ୍ଡମରାଇ ସୋମନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଳକମାନେ କୋଚ ନାନବାବୁ ଦୋରାଙ୍କ ମାର୍ଗ ଦର୍ଶନ ଯୋଗୁଁ କବାଡି ଖେଳରେ ଉତ୍ତମ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ଏମାନେ ରାଜ୍ୟସ୍ତରର କ୍ରୀଡ଼ାରେ ଅଂଶ ଗ୍ରହଣ ପାଇଁ ମନୋନୀତ ହୋଇଥିବାରୁ ଅଞ୍ଚଳର କ୍ରୀଡ଼ାପ୍ରେମୀମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଆଇଟିଆଇ ପକ୍ଷରୁ 'ଆ ଧନ ଫେରିଆ'



ଜଣେ ଛାତ୍ରଙ୍କ ପରିବାର ସହ ଆଲୋଚନା କରୁଥିବା ଆଇଟିଆଇର ଶିକ୍ଷୟିତ୍ରୀ ଓ ଶିକ୍ଷକ।

ବ୍ରହ୍ମପୁର,୨୩।୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ)ରେ ନାମ ଲେଖାଇଥିବା କେତେଜଣ ଛାତ୍ରୀଛାତ୍ର ବିଭିନ୍ନ କାରଣରୁ ଅନୁଷ୍ଠାନକୁ ପାଠ ପଢିବାକୁ ଆସିପାରୁନାହାନ୍ତି। ସେମାନଙ୍କୁ ଫେରାଇ ଆଣିବା ପାଇଁ ଆଇଟିଆଇ ପକ୍ଷରୁ 'ଆ ଧନ ଫେରିଆ' ନାମରେ ଏକ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଆଇଟିଆଇର ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଅନୁଷ୍ଠାନକୁ ଆସିପାରୁ ନ ଥିବା ଛାତ୍ରୀଛାତ୍ରଙ୍କ ପରିବାର ନିକଟକୁ ଯାଇ ସମସ୍ୟା ପଚାରି ବୁଝିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ପାଠ ପଢିବାକୁ ଆସିବା ପାଇଁ ପ୍ରେରଣା ଦେଇଥିଲେ। ଏହି ୩ ଦିନିଆ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ୨୦୦ ଛାତ୍ରୀଛାତ୍ରଙ୍କୁ ଯୋଗାଯୋଗ କରାଯାଇଥିବା ଅଧ୍ୟକ୍ଷ କହିଛନ୍ତି।

# ବିଜେଡିର ପରିବାର ସମ୍ପର୍କ ଅଭିଯାନ




ବିଜେଡି ନେତା ଓ କର୍ମୀମାନେ।

ଫୁଲବାଣୀ,୨୩।୧(ରାକେଶ କୁମାର ରାଉତ)

ମଙ୍ଗଳବାର କନ୍ଧମାଳ ଜିଲାର ତିନି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଫୁଲବାଣୀଠାରେ ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଏଫ୍‌ସିଆଇ ଛକଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତାମାନେ ମାଲ୍ୟାର୍ପଣ କରି ଅଭିଯାନର ଶୁଭାରମ୍ଭ କରିଥିଲେ। ପରେ ୯ ନଂ ୱାର୍ଡର ବିଭିନ୍ନ ଘରକୁ ଯାଇ ଶଙ୍ଖ ଚିହ୍ନ ଷ୍ଟିକର ମାରିବା ସହିତ ଲୋକଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଯୁବ ବିଜେଡି ସଭାପତି ବିଷ୍ଣୁଚରଣ ମଲ୍ଲିକ, ନଗର ସଭାପତି ବିମଳ ପାଢୀ, ପୌର ଉପାଧ୍ୟକ୍ଷା ପାୟେଲ ବେହେରାଙ୍କ ସମେତ ଦଳୀୟ କାଉନସିଲର ଓ କର୍ମୀ ଉପସ୍ଥିତ ଥିଲେ।

## ରାଇକିଆରେ ୧୩ ଦଣ୍ଡ ମିଳନ ପାଇଁ ପ୍ରସ୍ତୁତି

ରାଇକିଆ,୨୩।୧ (ପ୍ରଦୀପ ବେହେରା)- ରାଇକିଆ ପଞ୍ଚଦଣ୍ଡ କମିଟି ତରଫରୁ ୨୫ ବର୍ଷ ପୂର୍ତ୍ତି ଅବସରରେ ୧୩ ଦଣ୍ଡ ମିଳନ କାର୍ଯ୍ୟକ୍ରମ ପାଇଁସ୍ଥିର କରାଯାଇଛି। ଏଥିପାଇଁ ଏକ ପ୍ରାକ ପ୍ରସ୍ତୁତି ବୈଠକ ସତ୍ରିକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସନ୍ତୋଷ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨୫ ବର୍ଷ ପୂର୍ତ୍ତିକୁ ଆଡ଼ମ୍ବର ସହକାରେ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହାର ଆୟୋଜନ ପାଇଁ ପରବର୍ତ୍ତୀ ବୈଠକରେ ଖସଡ଼ା ପ୍ରସ୍ତୁତ ପାଇଁ ଆଲୋଚନା ହୋଇଥିଲା। ସମ୍ପାଦକ ମନମୋହନ ପଟନାୟକ, କୋଷାଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡାଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ପ୍ରବାସୀ ପ୍ରଧାନ ସମାଜ ସଂଘର ବୈଠକ

ବ୍ରହ୍ମପୁର,୨୩।୧(ସ୍ମୃତି ରଞ୍ଜନ ମହାଲିକ)

ପ୍ରବାସୀ ପ୍ରଧାନ ସମାଜ ସଂଘର ବୈଠକ ରବିବାର ଖଜୁରିଆ ରୋଡସ୍ଥିତ ଚନ୍ଦ୍ର ଚୌଡେଶ୍ୱର ମନ୍ଦିର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ଶ୍ରୀବତ୍ସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା ହୋଇଥିଲା। କେନ୍ଦ୍ରୀୟ ପ୍ରଧାନ ସମାଜର ସଭାପତି ମୂରଲୀ ପ୍ରଧାନ, ମଦନ ମୋହନ ପ୍ରଧାନ, ସଂପାଦକ ଶଶାଙ୍କ ପ୍ରଧାନ, ବରିଷ୍ଠ ଆଇନଜୀବୀ ବିଜୟ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘର ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୨୩।୧(କୃପାସିନ୍ଧୁ ସ୍ୱାଇଁ)



କବିସୂର୍ଯ୍ୟନଗର ବ୍ଲକ ବାଲ୍ୟସରାରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗଦେଇ ଏହାର ଉଦଘାଟନ କରିଥିଲେ । ସଭାରେ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଚେତନତା ଶିବିରରେ ବିଧାୟିକା ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। କବିସୂର୍ଯ୍ୟନଗର ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ବୀଣାପାଣି ମିଶ୍ର ମଧ୍ୟ ବିଭିନ୍ନ ଶିଶୁ, କିଶୋରୀ ବାଳିକା, ପ୍ରସୂତି, ଗର୍ଭବତୀ ମହିଳା ମାନଙ୍କ ଲାଗି ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ। କବିସୂର୍ଯ୍ୟନଗର ବ୍ଲକ ଏବିଡିଓ ନାରାୟଣ ବେହେରା , ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁ ,ବିପିଏମ ରାଜକିଶୋର ସାହୁ, ଜିପିଓ, ବ୍ଲକ ସିପି ବିଶ୍ୱନାଥ ଦାସ,ନନ୍ଦିଆଗଡା ସମିତି ସଭ୍ୟ ଅଶ୍ୱିନୀ ସ୍ୱାଇଁ , ଆମ୍ବପୁଆ ସରପଞ୍ଚ ଅମିୟ ମାହୁନ୍ତ, ବାଲ୍ୟସରା ସରପଞ୍ଚ ରବିନ୍ଦ୍ର ପୋଲାଇ, ସମିତି ସଭ୍ୟ ପ୍ରତିନିଧି ଗୌତମ ଖଣ୍ଡୁଆଳ , ଶିଆଳିଅଆ ସମିତି ସଭ୍ୟ କନ୍ଦୁପାଣି ନାହାକ, ଗୁଡ଼ିଆଳି ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ଭୂୟାଁ, ବାଉଁସିଆ ସରପଞ୍ଚ ନାରାୟଣ ବେହେରା, ଗଙ୍ଗାପୁର ସମିତି ସଭ୍ୟା ପ୍ରତିନିଧି ଭୋବନି ନାହାକ, ବୋରିସିଙ୍ଗି ସମିତିସଭ୍ୟା ଲିଲି ବେହେରା, ବାଲ୍ୟାସରା ସମିତିସଭ୍ୟା ମମତା ଖଣ୍ଡୁଆଳ,ସୁନାରିଖୋଲା ସମିତି ସଭ୍ୟ ସୂର୍ଯ୍ୟନାରାୟଣ ଭୂୟାଁ ସମେତ ସମସ୍ତ ୱାର୍ଡ ମେମ୍ବର ଓ ନାୟବ ସରପଞ୍ଚ ଉପସ୍ଥିତ ଥିଲେ।

# 'ଲୁହର ରଙ୍ଗ'ରେ ଅନ୍ତହୀନ ଦୁଃଖର କଥା

ବ୍ରହ୍ମପୁର,୨୩।୧(ଅଶୋକ କୁମାର ସାହୁ)



ନାଟକ ମହୋତ୍ସବର ମଙ୍ଗଳବାର ଚତୁର୍ଥ ସନ୍ଧ୍ୟାରେ ଅଭିନୟରତ କଳାକାରମାନେ ।

ଓଡିଶା ନାଟକ ସମାରୋହ ସମିତି ବ୍ରହ୍ମପୁର ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଚାଲିଥିବା ନାଟକ ମହୋତ୍ସବର ମଙ୍ଗଳବାର ଚତୁର୍ଥ ସନ୍ଧ୍ୟାରେ ଦେବଗଡ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପରିବେଷଣ କରିଥିଲା 'ଲୁହର ରଙ୍ଗ'। ମନୁଷ୍ୟ ଜୀବନରେ ଦୁଃଖ ଆସେ। କିଛି ମଣିଷଙ୍କ ଦୁଃଖ ସତେ ଯେମିତି କଳ୍ପନା ବାହାରେ। ଚିତ୍ରଶିଳ୍ପୀ ରାଇମୋହନଙ୍କ ଝିଅ କଳ୍ପନା ଦୁଃଖର ପାହାଡ଼ ଉପରେ ଠିଆ ହୋଇଛନ୍ତି । ପ୍ରଥମେ ନିଜ ମା' ଓ ପରେ ସ୍ୱାମୀଙ୍କୁ ହରାଇ ବୈଧବ ଯନ୍ତ୍ରଣା ଭୋଗିଲେ। ଏହାପରେ ଏକ କୁନିଝିଅର ମନକୁ ବୁଝେଇବାକୁ ଯାଇ ତାର ମା' ହେବାପାଇଁ ରାଜି ହେବାପରେ ସେହି ଶିଶୁଟିର ମଧ୍ୟ ଦୁର୍ଘଟଣାରେ ମୃତ୍ୟୁ ହେଲା। ଏସବୁ ଦୁଃଖକୁ ନେଇ ନିର୍ବାକ ହୋଇଯାଇଛି କଳ୍ପନା। ଏଭଳି ସ୍ଥିତିରେ ତାଙ୍କ ସହିତ ସାଥୀ ହୋଇଛି ଅବିନାଶ। କଳ୍ପନାର ବାପାଙ୍କୁ ତାଙ୍କ ମନ କଥା କହିପାରିନି। କଳ୍ପନା ଏସବୁ ଦୁଃଖକୁ ନେଇ ଆତ୍ମହତ୍ୟା କରିବାକୁ ଗଲାବେଳେ ଅବିନାଶ ନିଜ ଲୁହକୁ ନେଇ କଳ୍ପନା ସିନ୍ଥିରେ ଆଙ୍କିଦିଏ ସିନ୍ଦୁର ବିନ୍ଦୁ । ଏମିତି କିଛି ଜୀବନ୍ତ ବିଷୟବସ୍ତୁକୁ ନେଇ ମଞ୍ଚସ୍ଥ ହୋଇଛି ନାଟକ ଲୁହର ରଙ୍ଗ । ଅଶୋକ କୁମାର ବହିଦାରଙ୍କ ରଚିତ ନାଟକକୁ ସୁଜିତ କୁମାର ପାତ୍ର ନିର୍ଦ୍ଦେଶନା ଦେଇଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶକ୍ତି ପ୍ରସାଦ ମିଶ୍ର। ଏହି ଅବସରରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ନାରାୟଣ ମହାଙ୍କୁଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ନାଟ୍ୟକାର ନିର୍ଦ୍ଦେଶକ ଡା.ତିରୁପତି ସାହୁ, ସମ୍ମାନନୀୟ ଅତିଥି ଗଞ୍ଜାମ ଜିଲା ମଞ୍ଚ କଳାକାର ସମ୍ମିଳନୀର ସାଧାରଣ ସମ୍ପାଦକ ରମେଶ ମହାରଣା,ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ରାଜଗୋପାଳ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠାନର ସହସମ୍ପାଦିକା ଆରତୀ ପାତ୍ର ସ୍ୱାଗତ ଭାଷଣ ଓ ଉପଦେଷ୍ଟା ଜୟନ୍ତୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ୨ ଫେରାର ଅଭିଯୁକ୍ତ ଗିରଫ

ବାଲିଗୁଡା,(ସଞ୍ଜୟ କୁମାର ପାଣିଗ୍ରାହୀ)–କୋଟଗଡ ଥାନା ପୋଲିସ ମଙ୍ଗଳବାର ୨ ଜଣ ଫେରାର ଅଭିଯୁକ୍ତଙ୍କୁ ୱାରେଣ୍ଟ ବଳରେ କୋର୍ଟ ଚାଲାଣ କରିଛି। ୨୦୦୮ କନ୍ଧମାଳ ଦଙ୍ଗା ମାମଲାରେ ସମ୍ପୃକ୍ତ ରହିଥିବା ଅଭିଯୋଗରେ ଦୁର୍ଗାପଙ୍ଗାର ନରସିଂହ ବଣିଆ ଜିଆର କେସ ନଂ.୨୧୪/୦୮ ରେ ଏବଂ ସୁବର୍ଣ୍ଣଗିରି ଗ୍ରାମର ଆନନ୍ଦ ଚନ୍ଦ୍ର ବେରୁକ ଓରଫ ଟୁନା କେସ ନଂ.୩୭/୧୪ରେ ବୈବାହିକ ଜୀବନରେ ଗଣ୍ଡଗୋଳ ମାମଲାରେ ସମ୍ପୃକ୍ତି ରହି ଦୀର୍ଘ ଦିନ ହେଲା କୋର୍ଟରେ ହଜାର ନହୋଇ ଫେରାର ଥିଲେ।

**ସଂକ୍ଷେପରେ**

## ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ, ୧ ଗିରଫ

ହିଞ୍ଜିଳିକାଟୁ, ୨୩।୧(ଦ୍ୱିତୀକୃଷ୍ଣ ପଣ୍ଡା) ଋଣ ଟଙ୍କା ଆଦାୟ କରିବାକୁ ଯାଇ ଏକ ଘରୋଇ ଫାଇନାନ୍ସ କମ୍ପାନୀର ୨ଜଣ କର୍ମଚାରୀ ଆକ୍ରମଣର ଶିକାର ହୋଇଛନ୍ତି। ଋଣ ନେଇଥିବା ମହିଳାଙ୍କ ସ୍ୱାମୀ ଫାଇନାନ୍ସ କମ୍ପାନୀର ୨ କର୍ମଚାରୀଙ୍କୁ କୋଡ଼ିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତମାନେ ହେଲେ ଶାଖା ପରିଚାଳକ ନବକିଶୋର ସାହୁ ଓ ସହକାରୀ ଶାଖା ପରିଚାଳକ ପ୍ରତାପ ବାରିକ। ଅନ୍ୟପକ୍ଷରେ ଫାଇନାନ୍ସ କର୍ମଚାରୀ ଋଣ ଗ୍ରହୀତା ମହିଳାଙ୍କୁ ଆକ୍ରମଣ ସହ ଟଣାଓଟରା କରିଥିବା ପାଲଟା ଅଭିଯୋଗ ହୋଇଛି। ପ୍ରକାଶ ଯେ, ହିଞ୍ଜିଳି ଥାନା ବଳରାମପୁର ଗ୍ରାମର ବାସନ୍ତୀ ନାୟକ ଗତ ବର୍ଷକ ପୂର୍ବେ ସଟିନ କ୍ରେଡିଟ କେୟାର ନେଟୱାର୍କ ଲିମିଟେଡ ନାମକ ଘରୋଇ ଫାଇନାନ୍ସ କମ୍ପାନୀ ହିଞ୍ଜିଳିକାଟୁ ଶାଖାରୁ ୪୦ ହଜାର ଟଙ୍କା ଋଣ ଆଣିଥିଲେ। ସୋମବାର ବାସନ୍ତୀ ଋଣ ଅର୍ଥର ମାସିକ କିସ୍ତି ପ୍ରଦାନ କରିବା ନେଇ ସଂପୃକ୍ତ ଫାଇନାନ୍ସ କମ୍ପାନୀର ଅଧିକାରୀଙ୍କୁ ଡାକିଥିଲେ। ସଂପୃକ୍ତ ଫାଇନାନ୍ସ କମ୍ପାନୀର ଶାଖା ପରିଚାଳକ ଓ ସହକାରୀ ଶାଖା ପରିଚାଳକ ଗ୍ରାମରେ ପହଞ୍ଚି ବାସନ୍ତୀଙ୍କୁ କିସ୍ତି ଅର୍ଥ ମାଗିଥିଲେ। କିନ୍ତୁ ମହିଳା ଜଣଙ୍କ ପାଖରେ ଅର୍ଥ ନଥିବା ଏବଂ ତାଙ୍କ ସ୍ୱାମୀ ଆସିଲେ ପ୍ରଦାନ କରିବେ ବୋଲି କହିଥିଲେ। ଫଳରେ ୨ କର୍ମଚାରୀ ଫେରି ଆସିଥିଲେ। ସୋମବାର ସନ୍ଧ୍ୟାରେ ବାସନ୍ତୀ ପୁଣି କିସ୍ତି ଦେବେ କହି ସେମାନଙ୍କୁ ଡାକିଥିଲେ। ଫଳରେ ୨ କର୍ମଚାରୀ ପୁଣି ଗ୍ରାମକୁ ଯାଇଥିଲା ବେଳେ ମହିଳାଙ୍କ ସ୍ୱାମୀ ସୀମାଞ୍ଚଳ ସଂପୃକ୍ତ ୨ କର୍ମଚାରୀଙ୍କୁ ଏକ କୋଡିରେ ଆକ୍ରମଣ କରିଥଲେ। ଫଳରେ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ଖବର ପାଇ କମ୍ପାନୀର ଏରିଆ ମ୍ୟାନେଜର ବିଶ୍ୱଜିତ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗୁରୁତର ହେବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଶାଖା ପରିଚାଳକ ସାହୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ମଙ୍ଗଳବାର ଏରିଆ ମ୍ୟାନେଜର ବିଶ୍ୱଜିତ ମହାନ୍ତି ହିଞ୍ଜିଳି ଥାନାରେ ଅଭିଯୋଗ କରଛନ୍ତି। ପୋଲିସ ସୀମାଞ୍ଚଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ସୁନିଲ କଣ୍ଡୋଗିରି କହିଛନ୍ତି। ସେହିପରି ମହିଳାଙ୍କ ପାଲଟା ଅଭିଯୋଗରେ ପୋଲିସ ତଦନ୍ତ ଚଳାଇଛି।

## ଶୁଷ୍କ ହେଉଛି ଭଞ୍ଜନଗର ଜଳଭଣ୍ଡାର

ଭଞ୍ଜନଗର, ୨୩।୧(ବାବୁଲା ପ୍ରଧାନ):


ଜଳଭଣ୍ଡାରର ଜଳସ୍ତର କମିବାରେ ଲାଗିଛି।

■ସହରକୁ ଜଳ ଯୋଗାଣ ବାଧାପ୍ରାପ୍ତ ଆଶଙ୍କା

■ ପିଇବା ପାଣି, ଜଙ୍ଗଲ ପୋଡ଼ି ଚିନ୍ତା ଘାରିଲାଣି

ଗଞ୍ଜାମ ଜିଲା ଭଞ୍ଜନଗର ଜଳଭଣ୍ଡାର ଧୀରେ ଧୀରେ ଶୁଷ୍କ ହେବାରେ ଲାଗିଛି। ମଙ୍ଗଳବାର ସୁଧା ଜଳଭଣ୍ଡାରରେ ମାତ୍ର ୨୫ ପ୍ରତିଶତ ପାଣି ଅଛି। ଗତ ସେପ୍ଟେମ୍ବର ୧୫ରୁ ଭଞ୍ଜନଗର ଅଞ୍ଚଳରେ ଆଶାନୁରୂପକ ବର୍ଷା ହୋଇନାହିଁ। ତେଣୁ ଜଳଭଣ୍ଡାରର ଜଳସ୍ତର କମିବାରେ ଲାଗିଛି। ବର୍ଷା ନ ଥିବା ଯୋଗୁ ସହରତଳି ଲଣ୍ଡେଇସାହିର କୂଅଗୁଡିକର ଜଳସ୍ତର ବହୁତ ତଳକୁ ଚାଲିଯାଇଛି। ତେଣୁ ଆଗାମୀ ଦିନରେ ସହରକୁ ପାଣି ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ବର୍ଷା ନ ହେଲେ ରବି ଋତୁରେ ଜଳଭଣ୍ଡାରରୁ ଚାଷୀଙ୍କୁ ପାଣି ଯୋଗାଣ ସମ୍ଭବପର ହୋଇପାରିବ ନାହିଁ। ଭଞ୍ଜନଗର ଜଳଭଣ୍ଡାରରୁ ସହରକୁ ଦୈନନ୍ଦିନ ୩୫ ଲକ୍ଷ ଲିଟର ପାଣି ଯୋଗାଣ ହେଉଛି। ଅପରପକ୍ଷେ ବର୍ଷା ଅଭାବ ଯୋଗୁ ଚଳିତ ବର୍ଷ ଜଙ୍ଗଲ ପୋଡି ମଧ୍ୟ ବଢିବା ଆଶଙ୍କା ରହିଛି। ତେଣୁ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡ ପକ୍ଷରୁ ବର୍ତ୍ତମାନଠାରୁ ଜଙ୍ଗଲ ନିଆଁ ପୋଡ଼ିକୁ କିଭଳି ରୋକାଯିବ ସେନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗ୍ରାମାଞ୍ଚଳରେ ବନ ସୁରକ୍ଷା ସମିତି ମାଧ୍ୟମରେ ଲୋକଙ୍କୁ ଜଙ୍ଗଲ ନିଆଁକୁ କିଭଳି ରୋକାଯିବ ସେନେଇ ସଚେତନତା କରାଯାଉଛି। ଏନେଇ ଭଞ୍ଜନଗର ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବର୍ଷା ନ ହେଲେ ପାନୀୟଜଳ ସମସ୍ୟା ହୋଇପାରେ। ଆଗାମୀ ପରିସ୍ଥିତିକୁ ଦେଖି ପଦକ୍ଷେପ ନିଆଯିବ। ଏନେଇ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା କହିଛନ୍ତି ଯେ, ଆଗକୁ ବର୍ଷା ନ ହେଲେ ଚଳିତ ବର୍ଷ ଜଙ୍ଗଲ ନିଆଁ ରୋକିବା ବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ହେବ। ତଥାପି ବର୍ତ୍ତମାନଠାରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି।

## ଚିକିଟି ଏନ୍‌ଏସିରେ ସମ୍ବର୍ଦ୍ଧନା ଉତ୍ସବ


ସମ୍ବର୍ଦ୍ଧନା ଉତ୍ସବରେ ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

ଚିକିଟି, ୨୩।୧ପ୍ରକାଶ ଚନ୍ଦ୍ର ସାହୁ) ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ମଙ୍ଗଳବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ସମ୍ମାନିତ ଅତିଥି ଭାବେ ଚିକିଟି ବିଡିଓ ପ୍ରମୋଦ କୁମାର ନାୟକ, ତହସିଲଦାର ବଳଦେବ ବେହେରା, ଅତିରିକ୍ତ ତହସିଲଦାର ଶାଶ୍ୱତ ଷଡ଼ଙ୍ଗୀ, କାର୍ଯ୍ୟନିର୍ବାହୀ ଅଧିକାରୀ କୁଲଦୀପ କୁମାର, ଏନ୍‌ଏସି ଅଧ୍ୟକ୍ଷା ଦୀପା କୁମାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ସ୍ୱଚ୍ଛ ସର୍ବେକ୍ଷଣ –୨୦୨୩ ଉପରେ ପୂର୍ବାଞ୍ଚଳ ୧୫ ହଜାର ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳର ଦୃତ ପରିମଳ ପରିଚାଳନାରେ ଓଡ଼ିଶାରେ ଏକ ନମ୍ବର ସ୍ଥାନ ଅଧିକାର କରିଥିବାରୁ ଏନ୍‌ଏସିର ଝାଡୁଦାର, ବର୍ଜ୍ୟବସ୍ତୁ ପରିଚାଳନା ସମେତ ୮୫ ଜଣ ଚତୁର୍ଥ କର୍ମଚାରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ବଡ଼ଖାନାର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ପୋଲିସ ଏସ୍କର୍ଟ ଗାଡ଼ି ଧକ୍କାରେ ଜଣେ ମୃତ

ରାମଗିରି/ପାରଳାଖେମୁଣ୍ଡି/ମୋହନା/୨୩।୧ (ବୃନ୍ଦାବନ ଗୌଡ଼/ଗିରିଧାରୀ ପରିଚ୍ଛା/ମନ୍ମଥ ମିଶ୍ର):

**୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ରାସ୍ତାରୋକୋ**


ପରିବାରର ଜଣେ ବ୍ୟକ୍ତି ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି।

ଗଜପତି ଜିଲା ରାମଗିରି ଥାନା ପରିସଲ ଗ୍ରାମ ନିକଟରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ପୋଲିସ ଏସ୍କର୍ଟ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପରିସଲ ଗ୍ରାମର ସରସ ଆନନ୍ଦ (୫୫)। ରାମଗିରିରେ ୫–ଟି ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମକୁ ସୁରକ୍ଷା ଦେବାକୁ ଆସିଥିବା ପୋଲିସ ଡ୍ୟୁଟି ସାରି ଫେରୁଥିଲା ବେଳେ ସରସ ଏକ ଲୁନାରେ ଯାଉଥିଲେ। ଏହି ସମୟରେ ପୋଲିସ ଏସ୍କର୍ଟ ଗାଡ଼ିଟି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସରସଙ୍କୁ ଗୁରୁତର ଅବସ୍ଥାରେ ସେହି ପୋଲିସ ଅଧିକାରୀମାନେ ଉଦ୍ଧାର କରି ରାମଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ପରିବାରର ଜଣେ ବ୍ୟକ୍ତି ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଥିଲା। ମୃତକଙ୍କ ପରିବାର ସଦସ୍ୟଙ୍କୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ, ଜଣଙ୍କୁ ଚାକିରି ଓ ମୃତଦେହ ସତ୍କାର ପାଇଁ ୨୦ ହଜାର ଟଙ୍କା ଦାବିକରି ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ରାତି ପ୍ରାୟ ୯ଟା ସମୟରେ ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ମୃତଦେହ ସତ୍କାର ପାଇଁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଓ ଶୁଦ୍ଧିକ୍ରିୟା ପାଇଁ ୫୦ ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ଆର.ଉଦୟଗିରି ଏସ୍‌ଡିପିଓ ଅଶ୍ୱିନୀ ନାୟକ କହିଛନ୍ତି, ମୃତ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ନଂ ୫/୨୪ରେ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି।

## କ୍ଷେତ୍ର ପରିଦର୍ଶନକରି ଚାଷୀଙ୍କୁ ଉଦ୍‌ବୋଧନ ଦେଲେ

**ରାଜ୍ୟପାଳଙ୍କ କନ୍ଧମାଳ ଗସ୍ତ**


ରାଜ୍ୟପାଳ ବିଦାର୍ଥୀଙ୍କ ସହ ଭାବ ବିନିମୟ କରୁଛନ୍ତି।

ଫୁଲବାଣୀ/ଫିରିଙ୍ଗିଆ, ୨୩।୧ (ରାକେଶ କୁମାର ରାଉତ/ବିକ୍ରମ ଦିଗାଲ) ରାଜ୍ୟପାଳ ରଘୁବର ଦାସ ମଙ୍ଗଳବାର କନ୍ଧମାଳ ଜିଲା ଗସ୍ତରେ ଆସି ଫୁଲବାଣୀ ଏବଂ ଫିରିଙ୍ଗିଆ ବ୍ଲକର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ମିଶନ ଶକ୍ତି କାଫେ, ଅଙ୍ଗନୱାଡ଼ି କେନ୍ଦ୍ର, ସରକାରୀ ବିଦ୍ୟାଳୟ ଆଦି ପରିଦର୍ଶନ କରିଛନ୍ତି। ସେ ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ, ଗର୍ଭବତୀ ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଆହାର ଉପରେ ଗୁରୁତ୍ୱ ଦେଇଛନ୍ତି। ସବୁଠି ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବିଷୟରେ ବୁଝିଛନ୍ତି।

ପ୍ରଥମେ ରାଜ୍ୟପାଳ ଫୁଲବାଣୀ ବ୍ଲକ ବିଶିପଡା ପଞ୍ଚାୟତ ବିଶିପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀ ଚିକିତ୍ସା ଉପରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ଜନସାଧାରଣଙ୍କ ସହ କଥା ହୋଇ ସେମାନଙ୍କ ଦାବିପତ୍ର ଗ୍ରହଣ କରିଥିଲେ। ଏହାପରେ ଫିରିଙ୍ଗିଆ ବ୍ଲକରେ ପହଞ୍ଚି ମିଶନଶକ୍ତି କାଫେକୁ ଯାଇଥିଲେ। ସେଠାରେ ଏସ୍‌ଏଚ୍‌ଜି ମହିଳାଙ୍କୁ ଖାଦ୍ୟର ମାନ, ପରିଷ୍କାର ପରିଚ୍ଛନ୍ନତା ଏବଂ ରୋଜଗାର ବଢ଼ାଇବା ଉପରେ ପରାମର୍ଶ ଦେଇଥିଲେ । ମାଣ୍ଡ୍ରୀପଡ଼ା ଆଦର୍ଶ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି କୁନି ପିଲାମାନଙ୍କୁ ଚକୋଲେଟ ବାଣ୍ଟିଥିଲେ। ପରେ ରତଙ୍ଗସ୍ଥିତ ଭୋଲେଶ୍ୱର ବିଦ୍ୟାପୀଠରେ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। ସେଠାରୁ ଯାଇ ବନ୍ଧଗଡ଼ରେ ଥିବା କସମର ମସଲା ପ୍ରକ୍ରିୟାକରଣ କେନ୍ଦ୍ରରେ ପହଞ୍ଚିଥିଲେ। ଉପସ୍ଥିତ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଲେ, ଦେଶର ଆତ୍ମା ଗ୍ରାମାଞ୍ଚଳରେ ରହିଛି । ଗ୍ରାମରେ ଅଧିକାଂଶ ଲୋକେ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ । କନ୍ଧମାଳର ହଳଦୀ ସବୁଠୁ ଉତ୍କୃଷ୍ଟ । ଏହାର ଚାହିଦା ଦେଶ ଏବଂ ବିଦେଶରେ ରହିଛି । ଆମେ ଖାଲି ଚାଷ କଲେ ହେବ ନାହିଁ। ଏହାକୁ ଭଲ ବ୍ରାଣ୍ଡିଂ କରି ବ୍ୟବସାୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବାକୁ ପଡିବ ବୋଲି କହିଥିଲେ। ଏହାପରେ ମିଣିଆ ପଞ୍ଚାୟତରେ ପହଞ୍ଚି ଷ୍ଟ୍ରବେରୀ ଚାଷ ସମ୍ପର୍କରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କ ଏହି ଗସ୍ତରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଶୁଭେନ୍ଦୁ ପାତ୍ର, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣ୍ଡଆଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ ।

## ବିପୁଲିଙ୍ଗି ପଞ୍ଚାୟତରେ 'ଆମ ଓଡ଼ିଶା– ନବୀନ ଓଡ଼ିଶା' ସଚେତନତା

**ଛତ୍ରପୁର, ୨୩।୧(ଦିଲୀପ ସାମଲ) :** ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଲିଙ୍ଗି ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ହିନା ସେଠୀଙ୍କ ସଭାପତିତ୍ୱ ଏବଂ ଯୁବନେତା ସୁରେଶ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଦ୍ୱାରା ଲୋକେ କିଭଳି ସୁବିଧା ପାଇପାରୁଛନ୍ତି ସେ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ସୁଶାନ୍ତ କୁମାର ବରାଳ, ଜିଲା ପରିଷଦ ସଭ୍ୟା ଛବିତା ବେହେରା, ବିପୁଲିଙ୍ଗି ସମିତି ସଭ୍ୟା ଗୋଲାପ ପ୍ରଧାନ, ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସ, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଛତ୍ରପୁର ବ୍ଲକ ଯୁବ ବିଜେଡି ସଭାପତି ସୁବାସ ଚନ୍ଦ୍ର ନାହାକ, ପୂର୍ବତନ ସମିତିସଭ୍ୟ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ ଓ ଜୟଦେବ ଲେଙ୍କା, ସୁନ୍ଦରପୁର ସରପଞ୍ଚ ଗଗନ ବେହେରା, ସମିତି ସଭ୍ୟା ସୁଜ୍ଞାନୀ ସେଠୀ, ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତିସଭ୍ୟ ଶମ୍ଭୁନାଥ ସ୍ୱାଇଁ, ମହାନାଦପୁର ସରପଞ୍ଚ ରବୀନ୍ଦ୍ର ରାଉଳ, ଶ୍ରୀରାମଚନ୍ଦ୍ରପୁର ସମିତି ସଭ୍ୟ ଏସ୍. ଚକ୍ରପାଣି ରେଡ୍ଡୀ, ବଉଳଗାଁ ସମିତି ସଭ୍ୟ ରାମ ପରିଡା, ଯୁବନେତା କିଶୋର ବେହେରା, ବି. ଚନ୍ଦ୍ରମଣି ପାତ୍ର, ଅଭିରାମ ପ୍ରଧାନ, କାମରାଜୁ ଖୁଣ୍ଟିଆ, ସୂର୍ଯ୍ୟ ପ୍ରଧାନ, ଲକ୍ଷ୍ମଣ ସେଠୀ, ହେମନ୍ତ ନାହାକଙ୍କ ସମେତ ବହୁ ଜନପ୍ରତିନିଧି ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଯୋଗଦେଇଥିଲେ।

## କ୍ରୀଡ଼ା ଶିକ୍ଷକ ସଂଘର ସମ୍ମିଳନୀ

ଧରାକୋଟ, ୨୩।୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଉପକଣ୍ଠ କପିଳାସ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ୩ ଜିଲା ଗଞ୍ଜାମ, ଗଜପତି ଓ କନ୍ଧମାଳର କ୍ରୀଡ଼ା ଶିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ମହାଦେବ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂପାଦକ ରମେଶ ଚନ୍ଦ୍ର ଗୌଡ, ରାଜ୍ୟ ଉପଦେଷ୍ଟା ସଚ୍ଚିଦାନନ୍ଦ ଦାସ ପ୍ରମୁଖ ମଞ୍ଚାସୀନ ରହିଥିଲେ। କାର୍ଯ୍ୟନିର୍ବାହୀ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟତଃ କ୍ରୀଡ଼ା ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଯୋଗଦେଇଥିଲେ।

## ବାଳିକା ଦିବସ ଅବସରରେ ଶୋଭାଯାତ୍ରା

ଦିଗପହଣ୍ଡି, ୨୩।୧(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଜାତୀୟ ବାଳିକା ଦିବସ ଅବସରରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ଗଞ୍ଜାମ ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ କୋରେଶ ସେଠୀ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବିଭିନ୍ନ ସଚେତନତା ଧର୍ମି ସ୍ଲୋଗାନ ସହକାରେ ବହୁ ସଂଖ୍ୟକ ଛାତ୍ରୀ ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପାଣିଗ୍ରାହୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାଳା ମାଝୀ, ରସାନନ୍ଦ ଘଡ଼େଇ, ବିଶ୍ୱବା ପାଇକ, ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ ଏବଂ ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ ପ୍ରଧାନ, ସିଆର୍‌ସିସି ଅନିଲ କୁମାର ଦାସଙ୍କ ସମେତ ଅନ୍ୟ ସମସ୍ତ ସିଆର୍‌ସିସି ବୃନ୍ଦ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବାଳିକା ଶିକ୍ଷା, ବାଲ୍ୟବିବାହ ବନ୍ଦ ଏବଂ ସମସ୍ତ ବାଳିକା କନ୍ୟାଙ୍କୁ ସୁରକ୍ଷା ପ୍ରଦାନ ନେଇ ଉପସ୍ଥିତ ବାଳିକାମାନଙ୍କୁ ସଚେତନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାକୁ ଉପେନ୍ଦ୍ର ପଣ୍ଡା, ଦେବବ୍ରତ ଆର୍ଯ୍ୟ, ବାବୁଲାଲ ନାୟକ, ବଳରାମ ବେହେରା, ବାସୁଦେବ ବେହେରା, ସୁବ୍ରତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାର କୃତି ଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷକ ରାଜେନ୍ଦ୍ର କୁମାର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଧାକୃଷ୍ଣ ମନ୍ଦିରରେ ରତ୍ନ ମୁଦ

ଖଜୁରିପଡ଼ା, ୨୩।୧ (ବିଦୁର ବେହେରା) ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ନୂଆଁ ଗାଁ ହାଇସ୍କୁଲ ସମ୍ମୁଖରେ ପୌଷ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ବେଲ୍ଗିକିଆ ଅଞ୍ଚଳ ଗୋପାଳ ସମାଜ ମନ୍ଦିର ପରିଚାଳନା କମିଟି ତରଫରୁ ନିର୍ମାଣ ହୋଇଥିବା ରାଧାକୃଷ୍ଣ ମନ୍ଦିରରେ ସୋମବାର ପୂଜକ ଶ୍ୟାମ ଘନ ତ୍ରିପାଠୀ ପୂଜା ପାଠ କରି ରତ୍ନ ମୁଦ ପକାଇଛନ୍ତି। ରବିବାର ସକାଳ ୧୦ଟା ବେଳେ ଗୋପାଳ ସମାଜର ଶତାଧିକ ଜନସାଧାରଣ ଏକତ୍ରିତ ହୋଇ ନୂଆଁ ଗାଁ ମହିଳା ଘାଟଠାରୁ ଜଳ କଳସରେ ପୁରେଇ ଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହି ପରି ସୋମବାର ଆଖ ପାଖ ଅଞ୍ଚଳରୁ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ସମେତ ବିଡିଓ ଜର୍ଜ ଡୁଙ୍ଗୁ ଡୁଙ୍ଗୁ, ସହକାରୀ ଯନ୍ତ୍ରୀ ସୁଭସ୍ମିତା ନାଥ ଉପସ୍ଥିତ ରହି ନାମ ଯଜ୍ଞ, ଅର୍ଣ୍ଣ ଯଜ୍ଞ, ଘୃତ ଯଜ୍ଞ କରି ରୀତି ନୀତି ପୂଜା ପାଠ କରି ରତ୍ନ ମୁଦ ପକାଯାଇଥିବା ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ସୂଚନା ଦେଇଛି। କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା କରିବା ଦାୟିତ୍ୱ ସଭାପତି ସୁଭାସ ଚନ୍ଦ୍ର ଭୋଇ ଉପ ସଭାପତି ବଳଭଦ୍ର ନାୟକ, ସମ୍ପାଦକ ଉମେଶ ଚନ୍ଦ୍ର ଭୋଇ ସହ ସମ୍ପାଦକ ରଞ୍ଜିତ କୁମାର୍ ଭୋଇ, କୋଷାଧ୍ୟକ୍ଷ ବସନ୍ତ ପ୍ରଧାନ ଉପଦେଷ୍ଟା ମଣ୍ଡଳୀ ତରଣି ସେନ ନାୟକ, ମହେଶ୍ୱର ବର୍ଗତି, ଅରୁଣ କୁମାର ଭୋଇ, ଶଙ୍କର ନାୟକ, ଜଳେଶର ବର୍ଗତି, ରାଜେନ୍ଦ୍ର ଭୋଇ, ରଘୁନାଥ ଭୋଇ ପ୍ରମୁଖ ପରିଚାଳନା କରିଥିଲେ।

भाकृअनुप-केन्द्रीय मीठाजल जीवपालन अनुसंधान संस्थान
ICAR - CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha
Advertisement No. 18/2023-24 Date of Insertion- 15.01.2024
वॉक–इन–इन्टरव्यू
भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए 01(एक) यंग प्रोफेशनल-II पद की भर्ती हेतु दिनांक 05.02.2024 को पू. 10.00 बजे चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।
WALK-IN INTERVIEW
A Walk-in-Interview will be held on 05.02.2024 at ICAR-CIFA, Bhubaneswar at 10.00 A.M. for 01(One) no. of Young Professional-II, at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: http://www.cifa.nic.in. मुख्य जाँचकर्ता / Principal Investigator

ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ
ନଂ. ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌୦ସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪
ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ ।
(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## ବିଜେଡିର ପରିବାର ସମ୍ପର୍କ ଅଭିଯାନ ଆରମ୍ଭ


ଦଳୀୟ ନେତା ଓ କର୍ମୀମାନେ ଶଙ୍ଖ ଚିହ୍ନ ପ୍ରଦର୍ଶନ କରୁଛନ୍ତି।

**ଘରେ ଘରେ ଲାଗିଲା ଶଙ୍ଖ ଚିହ୍ନ ଷ୍ଟିକର**

ଛତ୍ରପୁର, ୨୩।୧(ଦିଲୀପ ସାମଲ): ଛତ୍ରପୁର ଏନ୍‌ଏସିରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ବିଜେଡିର ପରିବାର ସମ୍ପର୍କ ଅଭିଯାନ। ଛତ୍ରପୁର ଏନଏସିରେ ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୧୧ ନଂ ୱାର୍ଡ କାଉନସିଲର ସନ୍ତୋଷୀ ସେଠିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏନଏସି ଉପାଧ୍ୟକ୍ଷ ଜି. ପାପାରାଓ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ବିଜେଡି ନଗର ସଭାପତି ବି. ରାଜୁବାବୁ, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନ୍ମୁଖ ପଟ୍ଟନାୟକ, କାଉନସିଲର ପ୍ରୀତିଛନ୍ଦା ସାମଲ, ଦେବାଶିଷ ମିଶ୍ର, ବି. ନିଶ୍ଚଳା, ମମତା ପାତ୍ର, ଏମ ୱାଣୀ ସେନାପତି, କେ. ରମେଶ, ପୂର୍ବତନ ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ବିଜୁ ଜନତା ଦଳର ଜିଲା ନେତା ରବୀନ୍ଦ୍ର ନାଥ ପଣ୍ଡା, ପୂର୍ବତନ କାଉନସିଲର କିଶୋର ଚନ୍ଦ୍ର ସେନାପତି, ଯୁବ ବିଜେଡି ଜିଲା ଉପସଭାପତି ଅକ୍ଷୟ ସ୍ୱାଇଁ, ଯୁବ ବିଜେଡି ଜିଲା ସମ୍ପାଦକ ଶମ୍ଭୁନାଥ ସ୍ୱାଇଁ, ହାଇକୋର୍ଟ ଆଡ଼ଭୋକେଟ ପଦ୍ମଚରଣ ସାହୁ, ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥି, ଛତ୍ରପୁର ବିଜୁ ଆଇନ ସାମ୍ମୁଖ୍ୟ ସଭାପତି ସୁରେଶ କୁମାର ପଣ୍ଡା, ସମ୍ପାଦକ ଏଲ. ଗୋପାଳ ରାଓ, କାଳୀପ୍ରସାଦ ଦାଶ, ଉମା ପଣ୍ଡା, ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ରାଜ୍ୟ ସହ ସମ୍ପାଦିକା ଗୋଲାପ ସାହୁ, ବି. ଗୋପାଳ ସ୍ୱାମୀ, ମିଟୁ ବେହେରାଙ୍କ ସମେତ ବହୁ ମହିଳା ଏବଂ ଛାମୁଆ ନେତା ସାହି ସାହି ବୁଲି ଘରେ ଘରେ ଶଙ୍ଖ ଚିହ୍ନର ଷ୍ଟିକର ଲଗାଇଛନ୍ତି। ମାର୍ଚ୍ଚ ୫ ତାରିଖ ବିଜୁ ଜୟନ୍ତୀ ଯାଏଁ ଏହି ପରିବାର ସମ୍ପର୍କ ଅଭିଯାନ ଚାଲିବ।

ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିମିଟେଡ୍
ମୁଖ୍ୟ କାର୍ଯ୍ୟାଳୟ, ଟାଉନ୍ ହଲ ରୋଡ଼, ବ୍ରହ୍ମପୁର, ଗଞ୍ଜାମ
କ୍ରୋ.ନଂ. ୫୫୦୮/୨୦୨୩–୨୪ ତା: ୨୦।୦୧।୨୦୨୪
ବିଶେଷ ସୂଚନା
କର୍ମଚାରୀ କ୍ରମିକ ସଂଖ୍ୟା: ୨୨୮
କର୍ମଚାରୀଙ୍କ ନାମ: ଅଜିତ୍ କୁମାର ସାବତ
ପିତାଙ୍କ ନାମ: ଲକ୍ଷ୍ମୀଧର ସାବତ
ଠିକଣା: ରାମହରି ନଗର, ଗ୍ରାମ/ପୋଷ୍ଟ: କନିସି
ଥାନା: ଗୋଳନ୍ଥରା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍: ୭୬୧୦୦୮
ମହାଶୟ,
ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି କାର୍ଯ୍ୟାଳୟର ବିଶେଷ ସୂଚନା କ୍ର.ନଂ. ୪୮୦୧/୨୦୨୩–୨୪, ତା:୦୪।୧୨।୨୦୨୩, ଏହା ତା୦୫।୧୨।୨୦୨୩ରିଖ ଦିନ ଦୈନିକ ଖବରକାଗଜ ମାଧ୍ୟମରେ ଆପଣଙ୍କୁ ୧୪ (ଚଉଦ) ଦିନ ମଧ୍ୟରେ ନିଜ କାର୍ଯ୍ୟରେ ଅର୍ଥାତ୍ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିମିଟେଡ୍, ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟରେ ଯୋଗଦାନ କରିବାକୁ ଆପଣଙ୍କୁ ଅନୁରୋଧ କରାଯାଇଥିଲା। କିନ୍ତୁ ଆପଣ ଉକ୍ତ ୧୪ ଦିନ ମଧ୍ୟରେ ଆପଣଙ୍କ କାର୍ଯ୍ୟରେ ଯୋଗଦାନ କରିପାରି ନାହାନ୍ତି। ତେଣୁ ଆପଣଙ୍କୁ ପୁଣିଥରେ ୭ (ସାତ) ଦିନ ମଧ୍ୟରେ ନିଜ କାର୍ଯ୍ୟରେ ଅର୍ଥାତ୍ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିମିଟେଡ, ବ୍ରହ୍ମପୁରରେ ଯୋଗଦାନ କରିବାକୁ ସୁଯୋଗ ଦିଆଗଲା।
ଏଣୁ ଏହି ସୂଚନା ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିମିଟେଡ, ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟଠାରେ ଯୋଗଦାନ କରିବାକୁ ଆପଣଙ୍କୁ ଅନୁରୋଧ କରାଗଲା। ଏହାର ଅବମାନନା କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ଆଇନ ଅନୁଯାୟୀ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./– ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ
ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିମିଟେଡ୍, ବ୍ରହ୍ମପୁର, ଗଞ୍ଜାମ

